# رسالة واحدة فقط!

# କେବଳ ଗୋଟିଏ ବାର୍ତ୍ତା !

## କେବଳ ଗୋଟିଏ ବାର୍ତ୍ତା !

ଡ. ନାଜି ବିନ୍ ଇବ୍ରାହୀମ୍ ଅଲ୍ ଅର୍ଫଜ୍ ।

## ସମର୍ପିତ ।

ସଚ୍ଚୋଟତା ଏବଂ ଆନ୍ତରିକତାର ସହିତ ସତ୍ୟର ଅନୁସନ୍ଧାନ କରୁଥିବା ବ୍ୟକ୍ତିଙ୍କ ନିମନ୍ତେ ।

ସଚେତନ ବ୍ୟକ୍ତିଙ୍କ ପାଇଁ।

## ପଢ଼ିବା ପୂର୍ବରୁ କେତୋଟି ପ୍ରଶ୍ନ :

୧) ଏହି ବାର୍ତ୍ତାଟିର ଅର୍ଥ କଣ ?

୨) ବାଇବେଲ ଏହି ବିଷୟରେ କଣ କୁହେ ?

୩) କୁରାନ ଏହି ବିଷୟରେ କଣ କୁହେ ?

୪) ତାପରେ ଆପଣ ଏହା ବିଷୟରେ କଣ ଭାବୁଛନ୍ତି ?

## ବିଷୟ ଉପରେ :

ଆଦମଙ୍କ ସୃଷ୍ଟି ପରେ, ମାନବ ଇତିହାସରେ ଲୋକଙ୍କୁ କେବଳ ଗୋଟିଏ ପ୍ରାମାଣିକ ବାର୍ତ୍ତା ପ୍ରଦାନ କରାଯାଇଥିଲା, ଲୋକଙ୍କୁ ଏହି ସନ୍ଦେଶକୁ ମନେ ପକାଇବା ଏବଂ ସେମାନଙ୍କୁ ସିଧା ପଥକୁ ଫେରାଇ ଆଣିବା ପାଇଁ , ଜଣେ ପ୍ରକୃତ ଈଶ୍ୱର ନବି ଏବଂ ରସୁଲ ମାନଙ୍କୁ ଯଥା : ଆଦମ , ନୁହ, ଇବ୍ରାହୀମ୍ , ମୁସା, ଈସା, ମୁହମ୍ମଦ (ﷺ)ଙ୍କୁ ପଠାଇଲେ । ଏହି ବାର୍ତ୍ତା ହେଉଛି -

" କେବଳ ଜଣେ ହିଁ ପ୍ରକୃତ ଅଲ୍ଲାହ ଅଟନ୍ତି , ତେଣୁ ଅଲ୍ଲାହଙ୍କୁ ଉପାସନା କର ।"

ଅଲ୍ଲାହ ଏହି ବାର୍ତ୍ତା ଲୋକମାନଙ୍କ ନିକଟକୁ ପହଞ୍ଚାଇବା ପାଇଁ ପଠାଇଲେ :

ନୁହ (ଅ) , " ତୁମର ଅଲ୍ଲାହ ଏକ ଅଟନ୍ତି , ତେଣୁ କେବଳ ତାଙ୍କୁ ହିଁ ଉପାସନା କର" ।

ଇବ୍ରାହୀମ୍ (ଅ) , " ତୁମର ଅଲ୍ଲାହ ଏକ ଅଟନ୍ତି , ତେଣୁ କେବଳ ତାଙ୍କୁ ହିଁ ଉପାସନା କର" ।

ମୁସା (ଅ ) , " ତୁମର ଅଲ୍ଲାହ ଏକ ଅଟନ୍ତି , ତେଣୁ କେବଳ ତାଙ୍କୁ ହିଁ ଉପାସନା କର" ।

ଈସା (ଅ), " ତୁମର ଅଲ୍ଲାହ ଏକ ଅଟନ୍ତି , ତେଣୁ କେବଳ ତାଙ୍କୁ ହିଁ ଉପାସନା କର" ।

ମୁହମ୍ମଦ (ﷺ), " ତୁମର ଅଲ୍ଲାହ ଏକ ଅଟନ୍ତି , ତେଣୁ କେବଳ ତାଙ୍କୁ ହିଁ ଉପାସନା କର" ।

ଅଲ୍ଲାହ ନିଜ ରସୁଲ ଏବଂ ନବି ମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଶକ୍ତିଶାଳୀ ନବି ଏବଂ ଅନ୍ୟ ଲୋକମାନଙ୍କୁ ଅନେକ କାର୍ଯ୍ୟ କରିବା ପାଇଁ

ପଠାଇଲେ , ଯେଉଁମାନଙ୍କୁ ଆମେ ଜାଣୁ ଏବଂ ଯେଉଁମାନଙ୍କୁ ଆମେ ଜାଣୁ ନାହୁଁ ,ଯେପରିକି :

୧) ଅଲ୍ଲାହଙ୍କ ପ୍ରକାଶନ ଗ୍ରହଣ କରିବା ଏବଂ ଏହାକୁ ନିଜ ଲୋକ ଓ ଅନୁଗାମୀ ମାନଙ୍କ ନିକଟରେ ପହଞ୍ଚାଇବା ।

୨) ଲୋକମାନଙ୍କୁ ଅଲ୍ଲାହଙ୍କ ଉପାସନାରେ ଏକେଶ୍ୱରବାଦ ଏବଂ ଆନ୍ତରିକତାର ଶିକ୍ଷା ଦେବା ।

୩) ଶବ୍ଦ ଏବଂ କାର୍ଯ୍ୟରେ ଏକ ଭଲ ଆଦର୍ଶକୁ ପରିପ୍ରକାଶ କରିବା , ଯାହାଦ୍ୱାରା ଲୋକମାନେ ଅଲ୍ଲାହଙ୍କ ମାର୍ଗରେ ତାଙ୍କୁ ଅନୁସରଣ କରିପାରିବେ ।

୪) ନିଜ ଅନୁଗାମୀମାନଙ୍କୁ ଅଲ୍ଲାହଙ୍କୁ ଭୟ କରିବା , ତାଙ୍କ ଆଜ୍ଞା ପାଳନ କରିବା ଏବଂ ତାଙ୍କ ଆଦେଶ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେବା ।

୫) ନିଜ ଅନୁଗାମୀମାନଙ୍କୁ ଧର୍ମର ନିୟମ ଏବଂ ଉତ୍ତମ ନୈତିକତା ଶିକ୍ଷା ଦେବା ।

୬) ପାପୀ ଓ ବହୁ -ଈଶ୍ୱରବାଦି ଏବଂ ଅନ୍ୟମାନଙ୍କୁ ମୂର୍ତ୍ତୀ ପୂଜାରୁ ମାର୍ଗଦର୍ଶନ କରିବା ।

୭) ଲୋକମାନଙ୍କୁ ଜଣାଇବା ଯେ ସେମାନେ ତାଙ୍କ ମୃତ୍ୟୁ ପରେ ପୁଣି ଥରେ ଜୀବିତ ହେବେ ଏବଂ ପୁନରୁତ୍ଥାନ ଦିନ ସେମାନଙ୍କ ଠାରୁ ତାଙ୍କ କାର୍ଯ୍ୟର ହିସାବ ନିଆଯିବ । ଯେଉଁ ବ୍ୟକ୍ତି କେବଳ ଜଣେ ହିଁ ଅଲ୍ଲାହଙ୍କୁ ବିଶ୍ୱାସ କରିବ ଏବଂ ଧାର୍ମିକ କାର୍ଯ୍ୟ କରିବ , ତାର ପୁରସ୍କାର ସ୍ୱର୍ଗ ଅଟେ । ଯିଏ ଅଲ୍ଲାହଙ୍କ ସହିତ ଅନ୍ୟକୁ ଜଡ଼ିତ କରିବ ଏବଂ ଅଲ୍ଲାହଙ୍କର ଅବମାନନା କରିବ , ତାର ବାସସ୍ଥାନ ନର୍କ ହେବ ।

ସମସ୍ତ ନବି ଏବଂ ରସୁଲ ଜଣେ ହିଁ ଅଲ୍ଲାହଙ୍କ ତରଫରୁ ସୃଷ୍ଟି ଏବଂ ପଠାଯାଇ ଥିଲେ । ବ୍ରହ୍ମାଣ୍ଡ , ଏହାର ପ୍ରାଣୀ ମାନଙ୍କ ସହିତ , ଅଲ୍ଲାହଙ୍କ ଅସ୍ତିତ୍ୱ ବିଷୟରେ କହିଥାଏ ଏବଂ ଏକେଶ୍ୱରବାଦର ସାକ୍ଷ୍ୟ ଦେଇଥାଏ । ଅଲ୍ଲାହ ଏହି ବ୍ରହ୍ମାଣ୍ଡ , ଏଥିରେ ଥିବା ସମସ୍ତ ମନୁଷ୍ୟ , ପ୍ରାଣୀ , କୀଟ ପତଙ୍ଗର ସୃଷ୍ଟିକର୍ତା ଅଟନ୍ତି । ସେ ମୃତ୍ୟୁ , ମର୍ତ୍ତ୍ୟ ଜୀବନ ଏବଂ ଅନନ୍ତ ଜୀବନର ସୃଷ୍ଟିକର୍ତା ଅଟନ୍ତି ।

ୟହୁଦୀ, ଖ୍ରୀଷ୍ଟିଆନ ଏବଂ ମୁସଲମାନ ମାନଙ୍କର ପବିତ୍ର ପୁସ୍ତକ ଗୁଡ଼ିକ ଅଲ୍ଲାହଙ୍କ ଅସ୍ତିତ୍ୱ ଏବଂ ଏକତାବାଦର ପ୍ରମାଣ ଦେଇଥାଏ ।

ଯଦି ସତ୍ୟର ସନ୍ଧାନକାରୀ ପବିତ୍ର କୁରାନ ଏବଂ ବାଇବେଲରେ ଅଲ୍ଲାହଙ୍କ ଧାରଣାକୁ ନିରପେକ୍ଷ ଓ ଆନ୍ତରିକତାର ସହିତ ଅଧ୍ୟୟନ କରନ୍ତି , ତେବେ ସେ ତାଙ୍କର ଅନନ୍ୟ ଗୁଣ ଗୁଡ଼ିକୁ ଚିହ୍ନିବାରେ ସକ୍ଷମ ହେବେ , ଯାହା ଅଲ୍ଲାହଙ୍କ ପାଇଁ ଅଦ୍ୱିତୀୟ ଅଟେ ଏବଂ ସେ ଅନ୍ୟ କେହି ମିଥ୍ୟା ଦେବତାଙ୍କୁ ଅଲ୍ଲାହଙ୍କ ଅଂଶୀଦାର କରିବେ ନାହିଁ । ଏହି ବୈଶିଷ୍ଟ୍ୟ ଗୁଡ଼ିକ ମଧ୍ୟରୁ କେତୋଟି ହେଉଛି :

୧) ପ୍ରକୃତ ଅଲ୍ଲାହ ହେଉଛନ୍ତି ସୃଷ୍ଟିକର୍ତା, କିନ୍ତୁ ସେ ପ୍ରାଣୀ ନୁହେଁ ।

୨) ପ୍ରକୃତ ଅଲ୍ଲାହ ଏକ ଅଟନ୍ତି , ତାଙ୍କର କେହି ସହଭାଗୀ ନୁହେଁ, ସେ ଏକାଧିକ ନୁହଁନ୍ତି , ସେ ପିତାମାତା ନୁହଁନ୍ତି , ଏବଂ ସେ ସନ୍ତାନ ନୁହଁନ୍ତି ।

୩) ଅଲ୍ଲାହ ପ୍ରାଣୀମାନଙ୍କର ଜ୍ଞାନ ବାହାରେ , ତେଣୁ ଏହି ଦୁନିଆରେ କୌଣସି ଆଖି ତାଙ୍କୁ ଦେଖି ପାରିବ ନାହିଁ ।

୪) ଅଲ୍ଲାହ ଅନନ୍ତ , ସେ ମୃତ୍ୟୁ ବରଣ କରନ୍ତି ନାହିଁ କି ବିସର୍ଜିତ ହୁଅନ୍ତି ନାହିଁ କିମ୍ବା ନିଜ ସୃଷ୍ଟିରେ କୌଣସି ପ୍ରାଣୀ ରୂପରେ ଅବତାର କରନ୍ତି ନାହିଁ ।

୫) ଅଲ୍ଲାହ ଅନନ୍ତ , ନିଃସ୍ୱାର୍ଥପର , ନିଜ ପ୍ରାଣୀମାନଙ୍କ ଠାରୁ ସ୍ୱତନ୍ତ୍ର ଏବଂ ତାଙ୍କୁ ସେମାନଙ୍କର କୌଣସି ଆବଶ୍ୟକତା ନାହିଁ , କେହି ତାଙ୍କର ପିତା ନୁହେଁ , ମାତା ନୁହେଁ ,ସ୍ତ୍ରୀ ନୁହେଁ , ସନ୍ତାନ ନୁହେଁ ଏବଂ ତାଙ୍କୁ କାହାରି ସାହାଯ୍ୟର ଆବଶ୍ୟକତା ନାହିଁ । କିନ୍ତୁ ଅଲ୍ଲାହଙ୍କ ଦ୍ୱାରା ସୃଷ୍ଟି ପ୍ରାଣୀ ମାନଙ୍କୁ ତାଙ୍କ ସାହାଯ୍ୟର ଆବଶ୍ୟକତା ଅଛି ।

୬) ଅଲ୍ଲାହ ନିଜ ମହିମା , ପୂର୍ଣ୍ଣତା , ସୌନ୍ଦର୍ଯ୍ୟର ଗୁଣରେ ଅଦ୍ୱିତୀୟ ଅଟନ୍ତି , ଯେଉଁଥିରେ ତାଙ୍କ ସୃଷ୍ଟି ମଧ୍ୟରୁ କେହି ବି ତାଙ୍କ ସମାନ ନୁହେଁ ।

ଆମେ ଯେକୌଣସି କଥିତ ବା ମିଥ୍ୟା ଦେବତାଙ୍କୁ ଖଣ୍ଡନ ଏବଂ ପ୍ରତ୍ୟାଖ୍ୟାନ କରିବା ପାଇଁ ଏହି ମାନଦଣ୍ଡ ଏବଂ ଗୁଣ ଗୁଡ଼ିକୁ ( ଏବଂ ଅନ୍ୟ ଗୁଣଗୁଡ଼ିକୁ ଯାହା କେବଳ ଅଲ୍ଲାହଙ୍କ ପାଇଁ ଅଦ୍ୱିତୀୟ ଅଟେ) ବ୍ୟବହାର କରିପାରିବା ।

ଏବେ ମୁଁ ଉପର ବର୍ଣ୍ଣିତ ବାର୍ତ୍ତାର ସମୀକ୍ଷା କରିବା ଏବଂ ବାଇବେଲ ଓ କୁରାନରୁ କିଛି ପାଠର ଉଦାହରଣ ଦେବାକୁ ଯାଉଅଛି , ଯାହା ଅଲ୍ଲାହଙ୍କ ଏକତାବାଦକୁ ନିଶ୍ଚିତ କରେ । କିନ୍ତୁ ତା ପୂର୍ବରୁ ମୁଁ ଆପଣଙ୍କ ସହିତ ଏହି ଧାରଣା ବାଣ୍ଟିବାକୁ ଚାହିଁବି :

କେତେକ ଖ୍ରୀଷ୍ଟିଆନ ଭାବି ପାରନ୍ତି - ଏହା ସ୍ପଷ୍ଟ ଯେ ଅଲ୍ଲାହ ଏକ ଅଟନ୍ତି ଏବଂ ଆମେ ଜଣେ ଅଲ୍ଲାହଙ୍କ ଉପରେ ହିଁ ବିଶ୍ୱାସ କରୁ , ତେବେ ସମସ୍ୟା କଣ ଅଟେ ?

ସତ୍ୟ ଏହା ହେଉଛି ଯେ ଖ୍ରୀଷ୍ଟିଆନ ଧର୍ମ ବିଷୟରେ ନିଜର ବିସ୍ତୃତ ସମୀକ୍ଷା ଏବଂ ଅଧ୍ୟୟନ ଏବଂ ଖ୍ରୀଷ୍ଟିଆନ ମାନଙ୍କ ସହିତ ମୋର ଅନେକ ବାର୍ତ୍ତାଳାପ ଦ୍ୱାରା ମୁଁ ପାଇଲି ଯେ , ତାଙ୍କର 'ଅଲ୍ଲାହ ' ( ତାଙ୍କ ମଧ୍ୟରୁ କେତେକଙ୍କର ଧାରଣା ଅନୁସାରେ )ଙ୍କର ନିମ୍ନଲିଖିତ ଗୁଣଗୁଡ଼ିକ ଅଛି :

୧) ପରମପିତା ଈଶ୍ୱର ।

୨) ପରମେଶ୍ୱର ପୁତ୍ର ।

୩) ଈଶ୍ୱର ହେଉଛନ୍ତି ପବିତ୍ର ଆତ୍ମା ।

ସରଳ ଅନ୍ତର୍ଜ୍ଞାନ ଏବଂ ଦୃଢ଼ ତର୍କ ବସ୍ତୁନିଷ୍ଠ ଗବେଷକଙ୍କୁ ଏହି ଖ୍ରୀଷ୍ଟିଆନ ମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ବାଧ କରିଥାଏ :

ଯେତେବେଳେ ଆପଣ ତିନି ଈଶ୍ୱରଙ୍କର ଉଲ୍ଲେଖ କରୁଛନ୍ତି , ପୁଣି ଯେତେବେଳେ ଆପଣ କୁହନ୍ତି "ଅଲ୍ଲାହ ଏକ ଅଟନ୍ତି " ,ତେବେ ଏହାର ଅର୍ଥ କଣ ?

କଣ ଅଲ୍ଲାହ ଏକ ଅଟନ୍ତି , ସେ ତିନିରେ ବିଲୀନ ହୋଇଯାଆନ୍ତି କିମ୍ବା ଅଲ୍ଲାହ ତିନି ଅଟନ୍ତି , ସେ ଏକରେ ବିଲୀନ ହୋଇଯାଆନ୍ତି ?

ଏହା ବ୍ୟତୀତ , କେତେକ ଖ୍ରୀଷ୍ଟିଆନଙ୍କ ବିଶ୍ୱାସ ଅନୁଯାୟୀ , ଏହି ତିନି ଜଣ ଈଶ୍ୱର ଭିନ୍ନ ଭିନ୍ନ କାର୍ଯ୍ୟ , ଅସ୍ତିତ୍ୱ ଓ ପ୍ରତିଛବି ସମ୍ପନ୍ନ ଅଟନ୍ତି , ଯାହାକି ନିମ୍ନରେ ଦିଆଯାଇଛି :

୧) ପରମପିତା ଈଶ୍ୱର = ସେ ସୃଷ୍ଟିକର୍ତା ଅଟନ୍ତି ।

୨) ପରମେଶ୍ୱର ପୁତ୍ର = ସେ ତ୍ରାଣକର୍ତ୍ତା ଅଟନ୍ତି ।

୩) ଈଶ୍ୱର ହେଉଛନ୍ତି ପବିତ୍ର ଆତ୍ମା = ସେ ପରାମର୍ଶ ଦାତା ଅଟନ୍ତି ।

ଏହି ଦାବି ଯେ ଖ୍ରୀଷ୍ଟ ଇଶ୍ୱରଙ୍କ ପୁତ୍ର ଅଟନ୍ତି କିମ୍ବା ଏହା ଯେ ସେ ଇଶ୍ୱର ଅଟନ୍ତି କିମ୍ବା ସେ ଇଶ୍ୱରଙ୍କ ଅଂଶ ଅଟନ୍ତି , ତୌରାତ୍ ଏବଂ ଇଞ୍ଜିଲ୍ ଗ୍ରନ୍ଥ ଗୁଡ଼ିକରେ ଯାହା ବର୍ଣ୍ଣନା କରାଯାଇଛି , ତାହା ଏହାର ସଂପୂର୍ଣ୍ଣ ବିପରୀତ ଅଟେ । ଯେଉଁଥିରେ କୁହାଯାଇଛି ଯେ ଅଲ୍ଲାହଙ୍କୁ ଏହି ବିଶ୍ୱରେ କେହି ଦେଖି ପାରିବେ ନାହିଁ।

" ତୁମେ କେବେ ତାଙ୍କର ସ୍ୱର ଶୁଣି ନାହଁ କି ତାଙ୍କ ଚେହେରା ଦେଖି ନାହଁ।"

( ଇଞ୍ଜିଲ୍ ୟୁହାନ୍ - ୫ :୩୭)

" ତାଙ୍କୁ କେହି ଦେଖି ନାହାଁନ୍ତି କି କେହି ତାଙ୍କୁ ଦେଖି ପାରିବେ ନାହିଁ । "

( ପ୍ରଥମ ବାର୍ତ୍ତା ଟେମ୍ରିସ୍ଥିଉସ୍ ରେ ଅଛି ୬ : ୧୬ )

" ଏପରି କେହି ନାହିଁ ଯିଏ ମୋତେ ଦେଖିବ ଏବଂ ଜୀବିତ ରହିବ ।"

( ଅଲ୍ ଖୁରୁଜ୍ - ୩୩ : ୨୦ )

ଏହି ପଦ ଏବଂ ଅନ୍ୟ ପଦ ଗୁଡ଼ିକ ଆଧାରରେ ମୁଁ ଆଶ୍ଚର୍ଯ୍ୟ ଚକିତ ହୁଏ ଏବଂ ସମ୍ପୂର୍ଣ୍ଣ ସାଚ୍ଚୋଟତା ଓ ଆନ୍ତରିକତାର ସହିତ ପଚାରୁଛି ଯେ ଆମେ ସେହି ଲୋକମାନଙ୍କୁ କିପରି ଯୋଡ଼ି ପାରିବା , ଯେଉଁମାନେ କୁହନ୍ତି ଯେ 'ଇସା ଅଲ୍ଲାହ ଅଟନ୍ତି ' ? ବାଇବେଲର ଏହି ପଦଗୁଡ଼ିକରୁ ଯେଉଁମାନେ ଏହି କଥାରେ ସହମତ ହୁଅନ୍ତି ଯେ 'କେହି ଅଲ୍ଲାହଙ୍କୁ ଦେଖି ନାହାଁନ୍ତି କି ତାଙ୍କର ସ୍ୱର ଶୁଣି ନାହାଁନ୍ତି'! ।

କଣ ସେତେବେଳର ୟହୁଦୀ ମାନେ ଏବଂ ଇସା (ଅ)ଙ୍କ ପରିବାର ଏବଂ ତାଙ୍କର ଅନୁଗାମୀ ମାନେ ଇସା(ଅ)ଙ୍କୁ (ଇଶ୍ୱରଙ୍କ ପୁତ୍ର ଯେପରିକି ସେମାନଙ୍କ ମଧ୍ୟରୁ ଅନେକଙ୍କ ଧାରଣା ଅଟେ) ଦେଖି ନ ଥିଲେ ଏବଂ ତାଙ୍କର ସ୍ୱର ଶୁଣି ନ ଥିଲେ ?

ତୌରାତ୍ ଏବଂ ଇଞ୍ଜିଲ୍ ଏହା କିପରି ବର୍ଣ୍ଣନା କରନ୍ତି ଯେ ଅଲ୍ଲାହଙ୍କୁ ନା କେହି ଦେଖି ପାରିବେ ନା କେହି ଶୁଣି ପାରିବେ ? ପୁଣି ଆମେ ସେହି ଲୋକମାନଙ୍କୁ ପାଉ , ଯେଉଁମାନେ ଏହା ମାନନ୍ତି ଯେ ଇସା (ଅ), ଯେଉଁ ବ୍ୟକ୍ତିଙ୍କୁ ସେମାନେ ଦେଖିଲେ ଏବଂ ତାଙ୍କ ସ୍ୱର ମଧ୍ୟ ଶୁଣିଲେ , ସେ ଈଶ୍ୱର ଅଟନ୍ତି କିମ୍ୱା ତାଙ୍କ ପୁତ୍ର ଅଟନ୍ତି ! ଅଲ୍ଲାହଙ୍କ ସତ୍ୟତା ବିଷୟରେ କୌଣସି ଲୁକ୍କାୟିତ ରହସ୍ୟ ରହିଛି କି ?

ତୌରାତ୍ ଏହାର ବିପରୀତ ପ୍ରମାଣ କରେ । ଯେପରିକି ଏହା ଅଲ୍ଲାହଙ୍କୁ ସୂଚିତ କରେ : " ମୁଁ ପରମେଶ୍ୱର ଅଟେ ଏବଂ ଅନ୍ୟ କେହି ଈଶ୍ୱର ନୁହେଁ । ମୁଁ ଗୁପ୍ତ ଭାବରେ କହି ନାହିଁ ଏବଂ ମୋର ଉଦ୍ଦେଶ୍ୟକୁ ମଧ୍ୟ ମୁଁ ଗୁପ୍ତ ରଖି ନାହିଁ । ମୁଁ ଈଶ୍ୱର ଏବଂ ମୁଁ ସତ୍ୟ କହୁଛି ଏବଂ ଯାହା ସତ୍ୟ ମୁଁ ତାହା ହିଁ

ଘୋଷଣା କରୁଛି ? " (ଇସ୍‌ଇୟା - ୪୫:୧୯ )

## ତେବେ ସତ୍ୟ କଣ ?

ଦୟାକରି ପୂର୍ବ ପାଠକୁ ବାରମ୍ବାର ପଢ଼ନ୍ତୁ ଏବଂ ଭଲ ଭାବରେ ଚିନ୍ତା କରନ୍ତୁ ।

ଆସନ୍ତୁ ଏବେ ଆମେ ପବିତ୍ର ବାଇବେଲ ଏବଂ ପବିତ୍ର କୁରାନରେ ଅଲ୍ଲାହଙ୍କ ସତ୍ୟତାକୁ ଖୋଜିବା ପାଇଁ ଏକତ୍ର ଯାତ୍ରା ଆରମ୍ଭ କରିବା । ମୋର ଆଶା ଅଛି ଯେ ପଦ ଏବଂ ଶ୍ଳୋକ ଗୁଡ଼ିକୁ ବିଶ୍ଳେଷଣ କରିବା ଏବଂ ପଢ଼ିବା ପରେ ଆପଣ ମୋତେ ନିଜ ମତାମତ ଓ ଦୃଷ୍ଟିକୋଣ ଜଣାଇବେ । ଏହି ପୁସ୍ତକ ବସ୍ତୁନିଷ୍ଠ ଏବଂ ନିରପେକ୍ଷ ଆଲୋଚନା ସହିତ ଅଟେ ।

ବସ୍ତୁନିଷ୍ଠତାକୁ ବଜାୟ ରଖିବା ପାଇଁ ମୁଁ କୌଣସି ଟିପ୍ପଣୀ ବ୍ୟତୀତ ପ୍ରମାଣ ଉପସ୍ଥାପନ କରିବି , ଆଶା କରେ ଯେ ଏହା ଉପରେ ଯତ୍ନର

ସହିତ ଏବଂ ବସ୍ତୁନିଷ୍ଠ ଭାବରେ ବିଚାର କରାଯିବ , ପୂର୍ବ କଳ୍ପିତ ଧାରଣା କିମ୍ବା ବିଚାର ଦ୍ୱାରା କଳଙ୍କିତ ହେବ ନାହିଁ।

ବାଇବେଲରେ ଜଣେ ସତ୍ୟ ଅଲ୍ଲାହ ( ପୁରାତନ ନିୟମ ) :

ହେ ଇସ୍ରାଇଲ ଶୁଣ: ଆମର ଅଲ୍ଲାହ ଏକ ଅଟନ୍ତି।

(ତସ୍ନିୟାହ୍ -୬ : ୪)

କଣ ଜଣେ ଅଲ୍ଲାହ ଆମ ପାଇଁ ଜୀବନର ଆତ୍ମା ସୃଷ୍ଟି କରି ନାହାଁନ୍ତି ଏବଂ ଆମକୁ ପ୍ରଦାନ କରି ନାହାଁନ୍ତି ?

( ମିଲାଖି - ୨ : ୧୫ )

କାରଣ ତୁମେ ଜାଣ ଏବଂ ମୋ ଉପରେ ବିଶ୍ୱାସ କର ଏବଂ ଜାଣିନିଅ ଯେ ମୁଁ ଅଲ୍ଲାହ ଅଟେ , ମୋ ପୂର୍ବରୁ ନା କେହି ଅଲ୍ଲାହ ଥିଲେ , ନା ହିଁ ମୋ ପରେ କେହି ଅଲ୍ଲାହ ହେବ । ମୁଁ ପ୍ରଭୁ ଅଟେ ଏବଂ ମୋ ବ୍ୟତୀତ ଅନ୍ୟ କେହି ରକ୍ଷାକର୍ତ୍ତା ନୁହେଁ ।

( ଇସ୍ଇୟା - ୪୩: ୧୦-୧୧ )

" ମୁଁ ପ୍ରଥମ ଏବଂ ଶେଷ ଏବଂ ମୋ ବ୍ୟତୀତ ଅନ୍ୟ କେହି ଈଶ୍ୱର ନୁହେଁ । ମୋ ପରି କିଏ ଅଟେ ? "

( ଇସ୍ଇୟା - ୪୪ : ୬ )

ମୁଁ କଣ ପାଳନକର୍ତ୍ତା ନୁହେଁ ? ଏବଂ ମୋ ବ୍ୟତୀତ ଅନ୍ୟ କେହି ଅଲ୍ଲାହ ନୁହେଁ । ଧାର୍ମିକ ଏବଂ ବିଶ୍ୱସ୍ତ ,ଅନ୍ୟ କେହି ନୁହେଁ।

( ଇସ୍ଇୟା - ୪୫ : ୨୧ )

ଆପଣଙ୍କୁ ଏହି ପରି ଅନ୍ୟ ପଦଗୁଡ଼ିକ ମନେ ଅଛି କି ?

ପବିତ୍ର ବାଇବେଲରେ ଆଛି ଏକ ସତ୍ୟ ଅଲ୍ଲାହ ( ନୂତନ ନିୟମ ) :

ଅନନ୍ତ ଜୀବନ ଏହା ଅଟେ ଯେ , ସେମାନେ ଜାଣନ୍ତୁ ଯେ ଆପଣ ହିଁ , ଏକ ମାତ୍ର ସତ୍ୟ ଈଶ୍ୱର ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣନ୍ତୁ ଯାହାଙ୍କୁ ଆପଣ ହିଁ ପଠାଇଛନ୍ତି ।

( ଇଞ୍ଜିଲ୍ ୟୁହନ୍ନା - ୧୭ : ୩) ।

ନିଜ ଅଲ୍ଲାହଙ୍କର ଉପାସନା କର ଏବଂ କେବଳ ତାଙ୍କର ହିଁ ସେବା କର।

( ଇଞ୍ଜିଲ୍ ମତ୍ତା - ୪ : ୧୦ )

ହେ ଇସ୍ରାଇଲ ଶୁଣ: ଆମର ଅଲ୍ଲାହ ଏକ ଅଟନ୍ତି ..... କାରଣ ଅଲ୍ଲାହ ଏକ ଅଟନ୍ତି ଏବଂ ତାଙ୍କ ବ୍ୟତୀତ ଅନ୍ୟ କେହି ଅଲ୍ଲାହ ନୁହଁନ୍ତି ।

(ଇଞ୍ଜିଲ୍ ମର୍କସ୍ : ୧୨:୨୮-୩୩)

ଅଲ୍ଲାହ ଏକ ଅଟନ୍ତି, ଅଲ୍ଲାହ ଏବଂ ଲୋକମାନଙ୍କ ମଧ୍ୟରେ ମଧ୍ୟସ୍ଥି ଜଣେ ଅଟନ୍ତି , ସେ ହେଉଛନ୍ତି ମାନବ - ଖ୍ରୀଷ୍ଟ ଇସା ।

( ପ୍ରଥମ ବାର୍ତ୍ତା ତୈମୁସ୍ଥଉସ୍ ରେ ଅଛି - ୨:୫)

କେହି ତାଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ କହିଲା , ' ହେ ପବିତ୍ର ବ୍ୟକ୍ତି , ଅନନ୍ତ ଜୀବନ ପାଇବା ପାଇଁ ମୋତେ କେଉଁ ଭଲ କାର୍ଯ୍ୟ କରିବା ଉଚିତ ? ' ଇସା (ଅ) ଉତ୍ତର ଦେଲେ ,' ତୁମେ ମୋତେ ପବିତ୍ର କାହିଁକି କହୁଛ ? ଜଣଙ୍କ ବ୍ୟତୀତ ଅନ୍ୟ କେହି ପବିତ୍ର ନୁହେଁ , ସେ ହେଉଛନ୍ତି ଅଲ୍ଲାହ ।' ( ଇଞ୍ଜିଲ ମତ୍ତା - ୧୯ : ୧୬-୧୭ ) । ଯେମିତିକି କିଙ୍ଗ ଜେମସ୍ ସଂସ୍କରଣରେ ଅଛି ।

ଆପଣ ଅନ୍ୟ ଉପାସନା ଗୁଡ଼ିକର ଉଦାହରଣ ଦେଇ ପାରିବେ କି , ଯାହା ଏହି କଥାକୁ ପ୍ରମାଣ କରେ ଯେ ଅଲ୍ଲାହ ଏକ ଅଟନ୍ତି ? (ତିନି ନୁହେଁ ) ।

## ପବିତ୍ର କୁରାନରେ ଏକ ମାତ୍ର ସତ୍ୟ ଅଲ୍ଲାହ ।

(( قل هو الله أحد . الله الصمد . لم يلد ولم يولد . ولم يكن له كفواً أحد )).

" କୁହ , ସେ ଅଲ୍ଲାହ ଏକ ଅଟନ୍ତି। ଅଲ୍ଲାହ ସମସ୍ତଙ୍କ ଠାରୁ ନିରପେକ୍ଷ ଏବଂ ସମସ୍ତେ ତାଙ୍କ ମୁଖାପେକ୍ଷୀ। ତାଙ୍କର ନା କେହି

ସନ୍ତାନ ଅଟେ ଏବଂ ନା ହିଁ ସେ କାହାରି ସନ୍ତାନ ଅଟନ୍ତି ଏବଂ କେହି ତାଙ୍କ ସମକକ୍ଷ ନୁହେଁ । "

ସୁରାହ୍ ସଂଖ୍ୟା : ୧୧୨ , ପଦ : ୧-୪ ।

(( لا إله إلا أنا فاعبدون )) .

" ମୋ ଛଡ଼ା ଆଉ କେହି ଖୁଦା ନାହିଁ । ଏଣୁ ତୁମେମାନେ ମୋରି ଦାସତ୍ୱ କର । "

ସୁରାହ୍ ସଂଖ୍ୟା : ୨୧ , ପଦ : ୨୫ ।

(( لقد كفر الذين قالوا إن الله ثالث ثلاثة وما من إله إلا إله واحد وإن لم ينتهوا عما يقولون ليمسن الذين كفروا منهم عذاب أليم )).

" ନିଶ୍ଚିତ ରୂପେ ଅବିଶ୍ୱାସ କରିଛନ୍ତି ସେହି ସବୁ ଲୋକ , ଯେଉଁମାନେ କୁହନ୍ତି ଯେ ଅଲ୍ଲାହ ତିନି ଜଣଙ୍କ ମଧ୍ୟରୁ ଜଣେ । ଅଥଚ ଏକ ଖୁଦାଙ୍କ ଛଡ଼ା ଆଉ କେହି ଖୁଦା ନାହିଁ । ଯଦି ଏମାନେ ଏମାନଙ୍କର ଏହି ଧରଣର କଥାବାର୍ତ୍ତାରୁ ବିରତ ନ ହୁଅନ୍ତି ତେବେ ଏମାନଙ୍କ ମଧ୍ୟରୁ ଯିଏ ଯିଏ ଅବିଶ୍ୱାସ କରିଛି , ତାକୁ ଯନ୍ତ୍ରଣା ପ୍ରଦ ଶାସ୍ତି ଦିଆଯିବ । "

ସୁରାହ୍ ସଂଖ୍ୟା : ୫ , ପଦ ସଂଖ୍ୟା : ୭୩ ।

(( إن إلهكم لواحد )).

" ତୁମମାନଙ୍କର ପ୍ରକୃତ ଆରାଧ୍ୟ (ପରମେଶ୍ୱର) କେବଳ ଜଣେ ମାତ୍ର ।"

ସୁରାହ୍ ସଂଖ୍ୟା : ୩୭ , ପଦ ସଂଖ୍ୟା : ୪ ।

(( أإله مع الله قل هاتوا برهانكم إن كنتم صادقين)).

" ଅଲ୍ଲାହଙ୍କ ସହ ଆଉ କୌଣସି ଖୁଦା କୌଣସି ବି କାର୍ଯ୍ୟରେ ଭାଗୀଦାର କି ? କୁହ , ' ତୁମର ଦଲିଲ ଆଣ ଯଦି ତୁମେ ସତ୍ୟବାଦୀ ଅଟ' " ।

ସୁରାହ୍ ସଂଖ୍ୟା : ୨୭ , ପଦ ସଂଖ୍ୟା : ୬୪ ।

ବାସ୍ତବରେ ଏହି ବାର୍ତ୍ତା ( ଅଲ୍ଲାହଙ୍କ ଏକତାବାଦ) ପବିତ୍ର କୁରାନରେ ମୁଖ୍ୟ ବିଷୟ ଅଟେ ।

## ଉପସଂହାର -

ଏହି ପଦ ଗୁଡ଼ିକ ଏବଂ ପବିତ୍ର ବାଇବେଲ ଏବଂ ପବିତ୍ର କୁରାନରେ ଅନ୍ୟାନ୍ୟ ଶହ ଶହ ପ୍ରମାଣ ଏହି କଥାକୁ ନିଶ୍ଚିତ କରେ ଯେ ଅଲ୍ଲାହ ଏକ ଅଟନ୍ତି ଏବଂ ତାଙ୍କ ବ୍ୟତୀତ ଅନ୍ୟ କେହି ଅଲ୍ଲାହ ନୁହେଁ। ହେ ଇସ୍ରାଇଲ ଶୁଣ ପାଳନକର୍ତ୍ତା ଆମର ଅଲ୍ଲାହ ଅଟନ୍ତି, ସେ ଜଣେ ହିଁ ପାଳନକର୍ତ୍ତା କାରଣ ଏହି କି ଯେ ସେ ଅଲ୍ଲାହ ଏକ ଅଟନ୍ତି ଏବଂ ତାଙ୍କ ବ୍ୟତୀତ କେହି ନୁହେଁ। ( ଇଞ୍ଜିଲ୍ ମର୍କସ୍ : ୮:୧୨-୩୩) ପବିତ୍ର କୁରାନ ନିଜ କଥନରେ ଏହି କଥାର ଉଲ୍ଲେଖ କରେ :

(قل هو الله أحد)

" କୁହ , ସେ ଅଲ୍ଲାହ ଏକ ଅଟନ୍ତି ।" ସୁରାହ୍ ସଂଖ୍ୟା : ୧୧୨ , ପଦ ସଂଖ୍ୟା : ୧ ।

ବାଇବେଲ କେବଳ ଏହି କଥାକୁ ପ୍ରମାଣ କରେ ନାହିଁ ଯେ ଅଲ୍ଲାହ ଏକ ଅଟନ୍ତି ବରଂ ଏକଥାକୁ ମଧ ପ୍ରମାଣ କରେ ଯେ ଅଲ୍ଲାହ ହିଁ ଏକ ମାତ୍ର ରକ୍ଷାକର୍ତ୍ତା ଏବଂ ତ୍ରାଣକର୍ତ୍ତା ଅଟନ୍ତି। " କାରଣ ତୁମେମାନେ ଜାଣ ଏବଂ ମୋ ଉପରେ ବିଶ୍ୱାସ କର ଏବଂ ଜାଣିନିଅ ଯେ ମୁଁ ଇଶ୍ୱର ଅଟେ , ମୋ ପୂର୍ବରୁ ନା କେହି ଇଶ୍ୱର ଥିଲେ ଏବଂ ନା ହିଁ ମୋ ପରେ କେହି ଇଶ୍ୱର ହେବେ । ମୁଁ ଅଲ୍ଲାହ ଅଟେ , ମୋ ବ୍ୟତୀତ ଅନ୍ୟ କେହି ତ୍ରାଣକର୍ତ୍ତା ନୁହେଁ । " ( ଇସ୍‌ଇୟା - ୪୩ : ୧୦-୧୧ )

ଏହିପରି ଏକଥା ସ୍ପଷ୍ଟ ହୋଇଯାଏ ଯେ ଇସା (ଅ) , ପବିତ୍ର ଆତ୍ମା କିମ୍ବା ଅନ୍ୟର ଦେବତ୍ୱର ଦାବିର କୌଣସି ଆଧାର ବା ପ୍ରମାଣ ନାହିଁ । ସେ କେବଳ ଅଲ୍ଲାହଙ୍କ ରଚନାରେ ପ୍ରାଣୀ ଅଟନ୍ତି , ଯାହାଙ୍କର ଏହି ମାମଲାରେ କୌଣସି ସମ୍ପର୍କ ନାହିଁ । ସେ ଅଲ୍ଲାହ ନୁହଁନ୍ତି , ନା

ଅଲ୍ଲାହଙ୍କର ପ୍ରତିଫଳନ ନା ହିଁ ତାଙ୍କର କୌଣସି ଅବତାର କିମ୍ବା ପ୍ରତିନିଧି ଅଟନ୍ତି । ଅଲ୍ଲାହଙ୍କ ପରି କେହି ବି ନୁହେଁ ଯେମିତିକି ପବିତ୍ର ବାଇବେଲ ଏବଂ ପବିତ୍ର କୁରାନରେ ବର୍ଣ୍ଣିତ ଅଛି ।

ୟେହୁଦୀ ମାନଙ୍କର ତ୍ରୁଟି ଏବଂ ଅଲ୍ଲାହଙ୍କ ବ୍ୟତୀତ ଅନ୍ୟ ମାନଙ୍କର ଉପାସନା ହେତୁ ଅଲ୍ଲାହ ସେମାନଙ୍କ ଉପରେ କ୍ରୋଧିତ ଥିଲେ । " ଅଲ୍ଲାହଙ୍କ ରାଗ ସେମାନଙ୍କ ଉପରେ କ୍ରୋଧିତ ହେଲା । " ( ଅଲ୍ ଅଦଦ୍ - ୨୫:୩ ) ମୁସା (ଅ) ତାଙ୍କର ସୁନାର ବାଛୁରୀକୁ ଭାଙ୍ଗିଦେଲେ ।

ଅନ୍ୟ ପଟେ , ଖ୍ରୀଷ୍ଟିଆନ ମାନଙ୍କର ଏକେଶ୍ୱରବାଦୀ ଦଳ [ ଈସା (ଅ)ଙ୍କୁ ଅନୁସରଣ କରୁଥିବା ଦଳ]

ଦଣ୍ଡ ଏବଂ ନିର୍ଯ୍ୟାତନା ସହିଥିଲେ , କାରଣ ସେମାନେ ଅଲ୍ଲାହଙ୍କ ଏକତାବାଦରେ ବିଶ୍ୱାସ କରୁଥିଲେ , ଈସା (ଅ)ଙ୍କ ହନଫିୟେତ ( ଅଲ୍ଲାହ ଏକ ବୋଲି ମାନିବା )  ଶିକ୍ଷାକୁ ପରିବର୍ତ୍ତନ କରିବାରୁ ମନା କରୁଥିଲେ ଏବଂ ତ୍ରିନେତ୍ରିକ ବିଧର୍ମକୁ ଖଣ୍ଡନ କଲେ ,ଯାହାକି ବୋଲିସ୍ (ପାଲ୍) ଏବଂ ତାଙ୍କ ଅନୁଗାମୀମାନଙ୍କ  ଦ୍ୱାରା ପ୍ରକାଶିତ ହୋଇଥିଲା ।

ସଂକ୍ଷେପରେ , ଅଲ୍ଲାହ ତା'ଆଲା ଆଦମ , ନୁହ, ଇବ୍ରାହୀମ, ମୁସା, ଈସା , ମୁହମ୍ମଦ(ﷺ)  ଏବଂ ସମସ୍ତ ନବି ଓ ରସୁଲ (ସ.ଅ) ମାନଙ୍କୁ  ଲୋକମାନଙ୍କୁ ଅଲ୍ଲାହଙ୍କ ଉପରେ ବିଶ୍ୱାସ କରିବା ଏବଂ କୌଣସି ସହଭାଗୀ ବିନା ଆନ୍ତରିକତାର ସହିତ ଉପାସନା କରିବା ପାଇଁ ନିମନ୍ତ୍ରଣ କରିବାକୁ ପଠାଇଲେ ।ଅଲ୍ଲାହଙ୍କ କେହି ସହକାରୀ ନୁହେଁ

ଏହା ତାଙ୍କର ଏକକ ବାର୍ତ୍ତା ଅଟେ :

କେବଳ ଜଣେ ହିଁ ପ୍ରକୃତ ଅଲ୍ଲାହ ଅଟନ୍ତି , ତେଣୁ ତାଙ୍କର ହିଁ କେବଳ ଉପାସନା କର ।

ଯେହେତୁ  ସମସ୍ତ ନବି ଏବଂ ରସୁଲଙ୍କର ବାର୍ତ୍ତା ଏକ ଅଟେ , ତେଣୁ ସେମାନଙ୍କର ଧର୍ମ ମଧ୍ୟ ଏକ । ତେବେ ସେହି ନବି ମାନଙ୍କର ଧର୍ମ କଣ ?

ସେମାନଙ୍କ ବାର୍ତ୍ତାର ସାରାଂଶ ଅଲ୍ଲାହଙ୍କ ନିକଟରେ ' ସମର୍ପଣ ' ଉପରେ ଆଧାରିତ , ଏହି ଶବ୍ଦ ଯାହା ଆରବୀ ଭାଷାରେ  ' ଇସଲାମ ' ର ଅର୍ଥ ଏବଂ ଅବଧାରଣାକୁ ସୂଚାଏ ।

ପବିତ୍ର କୁରାନ ଏହି କଥାକୁ ନିଶ୍ଚିତ କରିଛି ଯେ ଇସଲାମ ଅଲ୍ଲାହଙ୍କ ସମସ୍ତ ନବି ଏବଂ ରସୁଲଙ୍କର ସତ୍ୟ ଧର୍ମ ଅଟେ ଏବଂ କୁରାନର ଏହି ସତ୍ୟ ବାଇବେଲରେ ମଧ୍ୟ ମିଳି ପାରିବ ( ଅଲ୍ଲାହଙ୍କ ଇଚ୍ଛାରେ ଆମେ ଏହି ସତ୍ୟତାକୁ ବାଇବେଲରେ ପରବର୍ତ୍ତୀ ବୁକଲେଟରେ ପାଇ ପାରିବା ) ।

ଶେଷରେ , ପରିତ୍ରାଣ ପାଇବା ପାଇଁ ଆମକୁ ଏହି ବାର୍ତ୍ତା ଗ୍ରହଣ କରିବା ଉଚିତ ଏବଂ ଏହା ଉପରେ ସାଚ୍ଚୋଟତା ଏବଂ ଆନ୍ତରିକତାର ସହିତ ବିଶ୍ୱାସ କରିବା ଉଚିତ ।  କିନ୍ତୁ ଏହି କାର୍ଯ୍ୟ ଯଥେଷ୍ଟ ନୁହେଁ । ପରନ୍ତୁ ଆମକୁ ଅଲ୍ଲାହଙ୍କ ସମସ୍ତ ନବିଙ୍କ ଉପରେ ମଧ୍ୟ ବିଶ୍ୱାସ କରିବା ଉଚିତ [ ଏଥିରେ ନବି ମୁହମ୍ମଦ (ﷺ)ଙ୍କ ଉପରେ ବିଶ୍ୱାସ ମଧ୍ୟ ଅନ୍ତର୍ଭୁକ୍ତ ] ଏବଂ ତାଙ୍କ ମାର୍ଗଦର୍ଶନର ଅନୁସରଣ  ଏବଂ ତାକୁ କାର୍ଯ୍ୟକାରୀ କରିବା ଉଚିତ । ଏହା ଏକ ସୁଖମୟ ଅନନ୍ତ ଜୀବନ ପାଇଁ ଏକ ମାର୍ଗ ଅଟେ ।

ଯେଉଁ ବ୍ୟକ୍ତି ଆନ୍ତରିକତାର ସହିତ ସତ୍ୟକୁ ଖୋଜିଥାଏ ଏବଂ ପରିତ୍ରାଣକୁ ଭଲ ପାଏ , ବୋଧ ହୁଏ ସେ ଏହି ବିଷୟରେ ଚିନ୍ତା କରିବ ଏବଂ ବହୁତ ବିଳମ୍ବ ହୋଇଯିବା ପୂର୍ବରୁ   ବର୍ତ୍ତମାନ ଏହା ଉପରେ ଅନୁଧ୍ୟାନ କରିବ , ହଠାତ୍ ମୃତ୍ୟୁ ଆସିଯିବା ପୂର୍ବରୁ ! କିଏ ଜାଣେ ମୃତ୍ୟୁ କେତେବେଳେ ଆସିଯିବ ?

ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ବିଷୟ ଉପରେ ଚିନ୍ତା କରିବା ପରେ , ଏକ ସଚେତନ ମନ ଏବଂ ଆନ୍ତରିକ ହୃଦୟ ସହିତ ଆପଣ ଏହା ସ୍ଥିର କରିପାରିବେ ଯେ ଅଲ୍ଲାହ ଏକ ଅଟନ୍ତି , ତାଙ୍କର କେହି ସହଭାଗୀ କିମ୍ବା ସନ୍ତାନ ନୁହେଁ , ଏବଂ ଆପଣ ଏଥିରେ ବିଶ୍ୱାସ କରନ୍ତି , କେବଳ ତାଙ୍କର ହିଁ ଉପାସନା କରନ୍ତି , ଏବଂ ବିଶ୍ୱାସ କରନ୍ତି ଯେ ମୁହମ୍ମଦ (ﷺ) ଆଲ୍ଲାହଙ୍କ ନବି ଅଟନ୍ତି , ନୁହ, ଇବ୍ରାହୀମ ଏବଂ ମୁସା (ଅ)ଙ୍କ ପରି ।

ଏବେ ଯଦି ଆପଣ ଚାହାଁନ୍ତି ଏହି ଶବ୍ଦ ଗୁଡ଼ିକର ଉଚ୍ଚାରଣ କରି ପାରିବେ :

ଅସ୍ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହ ୱ ଅସ୍ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାହ୍ । [ ମୁଁ ସାକ୍ଷ୍ୟ ଦେଉଛି ଯେ ଅଲ୍ଲାହଙ୍କ ବ୍ୟତୀତ ଅନ୍ୟ କେହି ଇଶ୍ୱର ନୁହେଁ , ଏବଂ ମୁଁ ସାକ୍ଷ୍ୟ ଦେଉଛି ଯେ ମୁହମ୍ମଦ (ﷺ) ତାଙ୍କର ରସୁଲ ଅଟନ୍ତି ] ।

ଏହି ସାକ୍ଷ୍ୟ ଅନନ୍ତ ସୁଖର ଜୀବନର ପଥରେ ପ୍ରଥମ ବ୍ୟବହାରିକ ପଦକ୍ଷେପ ଅଟେ ଏବଂ ଏହା ସ୍ୱର୍ଗ ଦ୍ୱାରର ପ୍ରକୃତ ଚାବି ଅଟେ ।

ଯଦି ଆପଣ ଏହି ମାର୍ଗରେ ଯିବା ପାଇଁ ସ୍ଥିର କରନ୍ତି , ତେବେ ଆପଣ ନିଜ ମୁସଲମାନ ସାଙ୍ଗ କିମ୍ବା ପଡ଼ୋଶୀ, ବା ନିକଟସ୍ଥ ମସଜିଦ କିମ୍ବା ଇସଲାମିକ କେନ୍ଦ୍ରରୁ ସାହାଯ୍ୟ ଲୋଡ଼ି ପାରିବେ । କିମ୍ବା ମୋତେ ଫୋନ୍ କରି ବା ଲେଖି କରି ସମ୍ମାନ ଦିଅନ୍ତୁ ( ମୁଁ ଏହା କରି ଖୁସି ହେବି ) ।

﴿ قُلْ يَا عِبَادِيَ الَّذِينَ أَسْرَفُوا عَلَى أَنْفُسِهِمْ لَا تَقْنَطُوا مِنْ رَحْمَةِ اللَّهِ إِنَّ اللَّهَ يَغْفِرُ الذُّنُوبَ جَمِيعًا إِنَّهُ هُوَ الْغَفُورُ الرَّحِيمُ وَأَنِيبُوا إِلَى رَبِّكُمْ وَأَسْلِمُوا لَهُ مِنْ قَبْلِ أَنْ يَأْتِيَكُمُ الْعَذَابُ ثُمَّ لَا تُنْصَرُونَ وَاتَّبِعُوا أَحْسَنَ مَا أُنْزِلَ إِلَيْكُمْ مِنْ رَبِّكُمْ مِنْ قَبْلِ أَنْ يَأْتِيَكُمُ الْعَذَابُ بَغْتَةً وَأَنْتُمْ لَا تَشْعُرُونَ ﴾

[ ହେ ନବି (ﷺ) କହିଦିଅ, " ହେ ମୋର ଦାସମାନେ ! ଯେଉଁମାନେ ନିଜ ନିଜ ଜୀବନ ଉପରେ ଅନ୍ୟାୟ କରିଅଛ , ଅଲ୍ଲାହଙ୍କ ସାନୁଗ୍ରହ ପ୍ରତିଦାନରୁ ନିରାଶ ହୋଇଯାଅନା ; ନିଶ୍ଚିତ ରୂପେ ଅଲ୍ଲାହ ସମସ୍ତ ପାପ କ୍ଷମା କରିଦିଅନ୍ତି , ସେ ତ ଅସୀମ କ୍ଷମାଶୀଳ ଓ ପରମ ଦୟାମୟ ! ତୁମ ପ୍ରତି ହଠାତ୍ ଯନ୍ତ୍ରଣା ପ୍ରଦ ଶାସ୍ତି ଆସିବା ପୂର୍ବରୁ ଏବଂ ତା ପରେ ତୁମକୁ କୌଣସି ଠାରୁ ସାହାଯ୍ୟ ନ ମିଳି ପାରିବା ପୂର୍ବରୁ ତୁମ ପ୍ରଭୁଙ୍କ ପାଖକୁ ପ୍ରତ୍ୟାବର୍ତ୍ତନ କରି ତାଙ୍କରି ଧ୍ୟାନ ମଗ୍ନ ହୁଅ ଏବଂ ଆଜ୍ଞାଧୀନ ହୋଇରୁହ । ଆହୁରି ମଧ ତୁମ ଅଜାଣତରେ ତୁମ ଉପରେ ହଠାତ୍ ଦୁଃଖ ଦୁର୍ଦ୍ଦଶା ପୂର୍ଣ୍ଣ ଶାସ୍ତି ଆସିବା ପୂର୍ବରୁ ତୁମ ପ୍ରଭୁଙ୍କର ପ୍ରେରିତ ଗ୍ରନ୍ଥର ସର୍ବୋତ୍ତମ ପାର୍ଶ୍ଵର ଅନୁସରଣ କର ।]

କୁରାନ - ସୁରାହ୍ ସଂଖ୍ୟା : ୩୯ , ପଦ ସଂଖ୍ୟା : ୫୩-୫୫ ।

## ଯେଠାରେ ଆହୁରି କିଛି ...

## ଅନ୍ତିମ ଚିନ୍ତାଧାରା :

ଏହି ସନ୍ଦେଶଟିକୁ ସଚେତନ , ସୁଚିନ୍ତିତ ଭାବରେ ପଢ଼ିବା ପରେ , ସଚ୍ଚୋଟ ଏବଂ ଗମ୍ଭୀର ଲୋକମାନେ ଚିନ୍ତା କରିପାରିବେ ଯେ କଣ ସତ୍ୟ ଏବଂ କଣ ମିଥ୍ୟା ଏବଂ କଣ କରିବା ଉଚିତ୍ ?

ଅଲ୍ଲାହଙ୍କ ଇଚ୍ଛାରେ ମୁଁ ଏହି ଏବଂ ଅନ୍ୟାନ୍ୟ ପ୍ରଶ୍ନ ଉପରେ ନିଜର ପରବର୍ତ୍ତୀ ଲେଖରେ ଆଲୋଚନା କରିବି ।

ଅତିରିକ୍ତ ସୂଚନା , ପ୍ରଶ୍ନ କିମ୍ବା ପରାମର୍ଶ ପାଇଁ ଦୟାକରି ନିମ୍ନ ଠିକଣାରେ ଲେଖକଙ୍କ ସହିତ ଯୋଗାଯୋଗ କରିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ :

ସ . ବ. ୪୧୮ - ଅଲ୍ହୁଫୁଫ୍ - ଅଲ୍ ଏହସା ୩୧୯୮୨ ସାଉଦି ଆରବ

abctruth@hotmail.com /
info@abctruth.net
କିମ୍ବା ଅଫିସ୍.........
ଯେକୌଣସି ପରିବର୍ତ୍ତନ କିମ୍ବା ସଂଶୋଧନ ସ୍ୱାଗତଯୋଗ୍ୟ ।

# الفهرس


କେବଳ ଗୋଟିଏ ବାର୍ତ୍ତା !.......... 2
ସମର୍ପିତ ।.......... 2
ପଢ଼ିବା ପୂର୍ବରୁ କେତୋଟି ପ୍ରଶ୍ନ :.......... 2
ବିଷୟ ଉପରେ :.......... 2
ତେବେ ସତ୍ୟ କଣ ?.......... 8
ପବିତ୍ର କୁରାନରେ ଏକ ମାତ୍ର ସତ୍ୟ ଅଲ୍ଲାହ ।.......... 10
ଉପସଂହାର -.......... 12
ୟେଠାରେ ଆହୁରି କିଛି ... .......... 16
ଅନ୍ତିମ ଚିନ୍ତାଧାରା :.......... 16


or19v1.0 - 03/09/2026